## ସଂକ୍ଷେପରେ

### ଜଳିଗଲା କୋଇଲା ବୋଝେଇ ଟ୍ରକ୍



ପରଜଙ୍ଗ,୨୮।୧୨(ଡି.ଏନ.ଏ.)- ପରଜଙ୍ଗ ଥାନା ସରାଙ୍ଗ ଫାଣ୍ଡି ଅଧୀନ ୫୩ନଂ. ଜାତୀୟ ରାଜପଥର ଦୁର୍ଗା ହୋଟେଲ ସମ୍ମୁଖରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ କୋଇଲା ବୋଝେଇ ଟ୍ରକ୍ ଜଳିଯାଇଛି। ପ୍ରକାଶ ଯେ, ଉକ୍ତ କୋଇଲା ବୋଝେଇ ଟ୍ରକ୍(ନଂ.ଓଆର୦୫ ଏକ୍ସ-୦୯୨୨) ତାଳଚେରରୁ ପିଟିରି ଅଭିମୁଖେ ଯାଉଥିବାବେଳେ ହଠାତ୍ ବାମପାର୍ଶ୍ୱରୁ ନିଆଁ ଲାଗିଥିବା ଚାଳକ ଦେଖିବାକୁ ପାଇଥିଲେ। ପରେ ଗାଡ଼ିଟିକୁ ରାସ୍ତାକଡରେ ଛିଡା କରିଦେଇଥିଲେ। ଖବରପାଇ ପରଜଙ୍ଗ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ସୁଦ୍ଧା ସେତେବେଳକୁ ଟ୍ରକ୍ଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ସରାଙ୍ଗ ଫାଣ୍ଡି ଅଧିକାରୀ ଦାମୋଦର ସାହୁ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

### ବରିଷ୍ଠ ନାଗରିକଙ୍କ ବିୟୋଗରେ ଶୋକ

ଢେଙ୍କାନାଳ ଅଫିସ,୨୮।୧୨- ଢେଙ୍କାନାଳ ଲେଖକ ସଂସଦ ଭବନରେ ବରିଷ୍ଠ ନାଗରିକ ମଞ୍ଚର କୋଷାଧକ୍ଷ କାଳନ୍ଦୀ ଚରଣ ସାମଲଙ୍କ ବିୟୋଗରେ ଶନିବାର ଏକ ଶୋକସଭା ସହ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଉପସଭାପତି ଜନ୍ମେଶ୍ୱର ପୃଷ୍ଟିଙ୍କ ସଭାପତିତ୍ୱରେ ଉପଦେଷ୍ଟା ଦେବେନ୍ଦ୍ର ନାରାୟଣ ପଟ୍ଟନାୟକ, ଭିକାରୀ ଚରଣ ରାଉତ, ଉପେନ୍ଦ୍ର କୁମାର ରାଉତ, ଡ. ନିଳନ ମିଶ୍ର, ପ୍ରହ୍ଲାଦ ତ୍ରିପାଠୀ, କେଶବ ବେହେରା, ଚତୁର୍ଭୁଜ ରଣା, ନିମାଇଁ ଚରଣ ସିଂହ, କାଳନ୍ଦୀ ଚରଣ ସାହୁ, ତରୁଣ କୁମାର ବିଶ୍ୱାଳ, ନିରଞ୍ଜନ ଦାଶ, କୃଷ୍ଣମୋହନ ସାହୁ, ରବୀନ୍ଦ୍ର ରାଉତ, ପ୍ରମୋଦ କୁମାର ମିଶ୍ର, ପ୍ରେମାନନ୍ଦ ହୋତା, ପୂର୍ଣ୍ଣଚନ୍ଦ୍ର ଶତପଥୀ, ଶତ୍ରୁଘ୍ନ ଭୂତିଆ, ଗଗନ ବିହାରୀ ନନ୍ଦ, ଅନ୍ତର୍ଯ୍ୟାମୀ ପତି, ପ୍ରହ୍ଲାଦ ସ୍ୱାଇଁ, ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ବୈକୁଣ୍ଠ ନାଥ ବେହେରା ଓ ସମ୍ପାଦକ ବସନ୍ତ କୁମାର ପଟ୍ଟନାୟକ ଯୋଗଦେଇ କାଳନ୍ଦୀଙ୍କ ସ୍ମୃତିଚାରଣ କରିଥିଲେ।

### ମଦ ଜବତ, ଜଣେ ଗିରଫ

ବଇଣ୍ଡା,୨୮।୧୨(ଡି.ଏନ.ଏ.)- କିଶୋରନଗର ପୋଲିସ କଲେଜ ଛକ ନିକଟରେ ଶୁକ୍ରବାର ରାତିରେ ଚଢାଉ କରି ଧଉରାପାଲି ଗ୍ରାମର ଅନିରୁଦ୍ଧ ବିଶ୍ୱାଳଙ୍କଠାରୁ ୫ ଲିଟର ଚୋରା ବିଦେଶୀ ମଦ ଜବତ କରିବା ସହ ତାଙ୍କୁ ଗିରଫ କରିଛି। ଏ ନେଇ ନଂ. ୧୫୪/୧୯ରେ ଏକ ମାମଲା ରୁଜୁକରି ଶନିବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି।

### ଗାଡ଼ି ମୋଟର ଯାଞ୍ଚ

ବଇଣ୍ଡା,୨୮।୧୨(ଡି.ଏନ.ଏ.)- ୫୫ନଂ. ଜାତୀୟ ରଜପଥର ହଣ୍ଡପା ଥାନା ଜାମ୍ପୁନାଳୀଠାରେ ଶନିବାର ପୋଲିସ ପକ୍ଷରୁ ଗାଡ଼ି ମୋଟର ଯାଞ୍ଚ କରାଯାଇଛି। ଉଭୟପାର୍ଶ୍ୱରୁ ଆସୁଥିବା ସମସ୍ତ ବାଇକ୍କୁ ଅଟକାଇ ହେଲମେଟ, କାଗଜପତ୍ର ଯାଞ୍ଚ କରାଯାଇଥିଲା। ଏଥିରେ ୭ଟି ମାମଲା ରୁଜୁ କରାଯାଇ ୩୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଏସ୍ଆଇ ଆର.ବିଶ୍ୱାଳ ଯାଞ୍ଚ କରିଥିଲେ।

## ୫-ଟି ଓ ମୋ ସରକାର କାର୍ଯ୍ୟକ୍ରମର ସମୀକ୍ଷା

# ସ୍ୱଚ୍ଛତା, ଦକ୍ଷତା ବୃଦ୍ଧି ସମସ୍ତଙ୍କ ଲକ୍ଷ୍ୟ ହେଉ

ଢେଙ୍କାନାଳ ଅଫିସ,୨୮।୧୨

- ପଞ୍ଜୀକରଣ ପାଇଁ ଆଉ ଅଧିକ ୫ କାଉଣ୍ଟର ଖୋଲାଯିବ
- ସଞ୍ଜୟ କଲୋନିବାସୀଙ୍କୁ ଜଳଯୋଗାଣ ନେଇ ଆଲୋଚନା
- ପିଲାଙ୍କ ସ୍ୱାସ୍ଥ୍ୟ, ପାଠପଢ଼ା ପ୍ରତି ନଜର ରଖିବାକୁ ପରାମର୍ଶ



୫-ଟି ଓ ମୋ ସରକାର କାର୍ଯ୍ୟକ୍ରମର ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍ଭାବନା ଗୃହରେ ଶନିବାର ଜିଲାରେ ୫-ଟି ଓ ମୋ ସରକାର କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅଧକ୍ଷତା କରି ଜିଲାପାଳ ଭୂମେଶଚନ୍ଦ୍ର ବେହେରା କହିଥିଲେ ଯେ, ପ୍ରତ୍ୟେକ ବିଭାଗର କର୍ମଚାରୀଙ୍କ ମଧ୍ୟରେ ସ୍ୱଚ୍ଛତା ରହିବା ସହିତ କାର୍ଯ୍ୟଦକ୍ଷତା ବୃଦ୍ଧି ଏବଂ ସଚେତନତା ସୃଷ୍ଟି ହେଲେ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ସଫଳ ରୂପାୟନ ହୋଇପାରିବ। ଏହା ସମସ୍ତଙ୍କ ମୂଳଲକ୍ଷ୍ୟ ହେବା ଉଚିତ ବୋଲି ଜିଲାପାଳ କହିଥିଲେ। ଏହି ବୈଠକରେ ରୋଗୀସେବା, ଔଷଧ ବିତରଣ, ସଫେଇ କାର୍ଯ୍ୟ, ପଞ୍ଜୀକରଣ ଓ ଆନୁସଙ୍ଗିକ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ଚିକିତ୍ସାଜନିତ ସୁବିଧା ନିମନ୍ତେ ପଞ୍ଜୀକରଣ ପାଇଁ ଆଉ ୫ଟି କାଉଣ୍ଟର ଖୋଲାଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିରଞ୍ଜନ ମିଶ୍ର ସୂଚନା ଦେଇଥିଲେ। ମମତା ଯୋଜନାରେ ହିତାଧିକାରୀମାନଙ୍କୁ ଠିକ୍ ମାନର ଛତୁଆ ଓ ନିୟମିତ ଅଣ୍ଡା ଯୋଗାଣ ନିମନ୍ତେ ଅଧିକାରୀମାନେ ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଥିଲା। ଖାଉଟି ସାମଗ୍ରୀ ଯୋଗାଣ ନିମନ୍ତେ ରିଟେଲରମାନେ ବିକ୍ରୟ କେନ୍ଦ୍ରରେ ସବିଶେଷ ତଥ୍ୟ ସୂଚନା ଫଳକ ମାଧ୍ୟମରେ ଦର୍ଶାଇବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜଳ ଯୋଗାଣକୁ ଦୃଷ୍ଟିରେ ରଖି ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଜଳଯୋଗାଣ ନିୟମିତ କରିବାକୁ ବ୍ୟବସ୍ଥା କରିବା, ପାଇପ୍ ଦ୍ୱାରା ଜଳଯୋଗାଣ ହେଉ ନ ଥିଲେ ପାଣିଟାଙ୍କି ରଖି ଟ୍ୟାଙ୍କର ଯୋଗେ ଜଳ ଯୋଗାଇ ଦେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ରେଳଷ୍ଟେଶନ ନିକଟ ସଞ୍ଜୟ କଲୋନି ଅନ୍ତେବାସୀଙ୍କୁ ଜଳଯୋଗାଣ କରିବାକୁ ଆଲୋଚନା ହୋଇଥିଲା। ସେହିପରି ଗାଡିଚାଳନା ନିମନ୍ତେ ଆବଶ୍ୟକ ଡିଏଲ୍ ପ୍ରଦାନ, ରାସ୍ତା ମରାମତି ସମ୍ପର୍କରେ ମଧ୍ୟ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଆଶ୍ରମ ସ୍କୁଲ ଗୁଡିକରେ ପଢୁଥିବା ପିଲାମାନଙ୍କ ସ୍ୱାସ୍ଥ୍ୟ, ପାଠପଢା ଓ ଅନ୍ୟାନ୍ୟ ବିଷୟ ଉପରେ ବିଶେଷ ଧ୍ୟାନ ଦେବାକୁ ଜିଲାପାଳ କହିଥିଲେ। ହାତୀ ଆକ୍ରମଣରେ ମୃତ୍ୟୁଜନିତ କ୍ଷତିପୂରଣ ତୁରନ୍ତ ପ୍ରଦାନ କରିବା ସହ ଘରଭଙ୍ଗା ସାହାଯ୍ୟ ଦେବାକୁ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ଉଦ୍ୟାନକୃଷି, ଜଳଛାୟା ମିଶନ, ଅବକାରୀ ବିଭାଗ ଓ ବିଦ୍ୟୁତ୍ ଯୋଗାଣ କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା, ଜିଲା ବନଖଣ୍ଡ ଅଧିକାରୀ ବିମଳ ପ୍ରସନ୍ନ ଆଚାର୍ଯ୍ୟ, ଆରଟିଓ ବସନ୍ତ କୁମାର ମାଝି, ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ନିର୍ବାହୀଯନ୍ତ୍ରୀ ବିଜୟାନନ୍ଦ ସାହୁ, ଢେଙ୍କାନାଳ ପୌରସଂସ୍ଥା ନିର୍ବାହୀ ଅଧିକାରୀ ଅତନୁକୁମାର ସାମନ୍ତ ପ୍ରମୁଖଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ୧୫୦ ବିଧବାଙ୍କୁ ଶୀତବସ୍ତ୍ର ବଣ୍ଟନ



କାର୍ଯ୍ୟକ୍ରମରେ ମହିଳା ମଣ୍ଡଳ କର୍ମକର୍ତ୍ତାମାନେ।

ତାଳଚେର,୨୮।୧୨(ନି.ପ୍ର.)

ଏମ୍ସିଏଲ୍ ଭରତପୁର କ୍ଷେତ୍ରର ସୁରଭି ମହିଳା ମଣ୍ଡଳ ପକ୍ଷରୁ ଛେଣ୍ଡିପଦା ବ୍ଲକ ବାଗେଡ଼ିଆ ଗ୍ରାମସ୍ଥିତ ଗୋଦରା ସାହିରେ ଏକ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫୦ ଜଣ ବିଧବା ମହିଳାଙ୍କୁ କମ୍ବଳ, ସାବୁନ୍, ବିସ୍କୁଟ୍ ଆଦି ପ୍ରଦାନ କରାଯାଇଥିଲା। ମହିଳା ମଣ୍ଡଳ ସଭାପତି ଡଲି ମିଶ୍ର, ସମ୍ପାଦିକା ଅଞ୍ଜୁ ଶର୍ମା, ସଞ୍ଜୁବାଳା ସାହୁ, ମୋନା ସିଂହ, ଜ୍ୟୋସ୍ନା ପ୍ରଧାନ, ଈପ୍ସିତା ଦାସ, ଜ୍ୟୋତି ପ୍ରମୋଦ, ସ୍ମୃତି ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସାଉଥବଲଣ୍ଡା ଦିବ୍ୟ ଜୀବନ ସଂଘର ସଦସ୍ୟ ଶରତ ଚନ୍ଦ୍ର ସାହୁ, ରାଜକିଶୋର ସାହୁ, ଦିବାକର ସେଠୀ, ଉଗ୍ରେସନ ସାହୁ, ଗୋପବନ୍ଧୁ ଗଡନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

ରୂପସା, ୨୮।୧୨(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ବାହାବଳପୁର ସାମୁଦ୍ରିକ ଥାନା ଅଞ୍ଚଳର ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଏନେଇ ପୋଲିସ ଶନିବାର ଏକ ମାମଲା (ନଂ. ୩୪/୧୯) ରୁଜୁକରି ତଦନ୍ତ ଜାରି ରଖିଛି। ଛାତ୍ରୀଜଣକ ରେମୁଣା ଅଞ୍ଚଳର ମାମୁ ଘରେ ରହି ଏକ ହାଇସ୍କୁଲରେ ପଢୁଥିଲେ। ଗତ ୨୫ତାରିଖରେ ସେ ଘରକୁ ଆସିଥିଲେ। ୨୬ ତାରିଖ ରାତିରେ ରେମୁଣା ଅଞ୍ଚଳର ଜଣେ ଯୁବକ ତାଙ୍କୁ ଅପହରଣ କରିଥିବା ଏତଲାରେ ଦର୍ଶାଯାଇଛି। ପୋଲିସ ପକ୍ଷରୁ ଛାନଭିନ୍ ଆରମ୍ଭ ହୋଇଥିଲେ ହେଁ ଏଯାବତ୍ ଅପହୃତା ନାବାଳିକା ଓ ଅପହରଣକାରୀଙ୍କର କୌଣସି ସନ୍ଧାନ ମିଳିନାହିଁ।

## ତାଳଚେର ଫ୍ରେଣ୍ଡ୍ସ କ୍ଲବ ଫାଇନାଲରେ



ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

କାମାକ୍ଷାନଗର,୨୮।୧୨(ଡି.ଏନ.ଏ.)

କଙ୍କଡାହାଡ ବ୍ଲକ ବିରାଶାଳ କଲେଜ ପଡିଆରେ କଳିଙ୍ଗ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଦ୍ୱିତୀୟ ସର୍ବଭାରତୀୟ ମା’ ମଙ୍ଗଳା ବିରାଶାଳ କ୍ରିକେଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ତାଳଚେରର ଫ୍ରେଣ୍ଡ୍ସ କ୍ରିକେଟ କ୍ଲବ ଓ ନାଗପୁରର କରିମ କ୍ରିକେଟ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ କରିମ କ୍ରିକେଟ ଏକାଡେମୀ ବ୍ୟାଟିଂ କରି ୧୪୦ ରନ କରିଥିଲା। ଜବାବରେ ଫ୍ରେଣ୍ଡ୍ସ କ୍ଲବ ତାଳଚେର ୧୪୩ ରନ କରି ବିଜୟୀ ହୋଇଥିଲା। ସନ୍ତୋଷ ସାହୁ, ଦିବ୍ୟଜ୍ୟୋତି ସାହୁ ଖେଳ ପରିଚାଳନା କରିଥିବାବେଳେ ବିଭୂକଲ୍ୟାଣ ସେନାପତି, ସନ୍ତୋଷ ବାରିକ, କାହ୍ନୁ ଦାସ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ବିପିନବିହାରୀ ସାହୁ, ଛାୟାକାନ୍ତ ଦାସ ଧାରା ବିବରଣୀ ଦେଇଥିଲେ। ରବିବାର ଫାଇନାଲ ମ୍ୟାଚ ଫ୍ରେଣ୍ଡସ କ୍ଲବ ତାଳଚେର ଓ ଭାଇଜାଗ୍ କ୍ରିକେଟ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହେବ।

## ସୁବାସ ମେମୋରିଆଲ କ୍ରିକେଟ : ସୋଲାର ସେମିରେ

ଢେଙ୍କାନାଳ ଅଫିସ,୨୮।୧୨



ପ୍ରତିଯୋଗିତାର ଉଦ୍ଘାଟନୀ ଅବସରରେ ଅତିଥିଙ୍କ ସହ ଦୁଇ ଦଳର ଖେଳାଳି।

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବେଡାପଡା ଗ୍ରାମ ଖେଳପଡିଆଠାରେ ମା’ ଅନ୍ଧାରୀ କ୍ରିକେଟ କ୍ଲବ ପକ୍ଷରୁ ଶନିବାର ୧୦ମ ସୁବାସ ମେମୋରିଆଲ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଉଦ୍ଘାଟିତ ହୋଇଯାଇଛି। ଅତିଥି ଭାବେ ଯୋଗଦେଇ ଗ୍ରାମ ସଭାପତି ଦୁଷ୍ମନ୍ତ ଗଡନାୟକ ପ୍ରତିଯୋଗିତାକୁ ଉଦ୍ଘାଟନ କରିଥିଲେ। ଉଦ୍ଘାଟନୀ ମ୍ୟାଚରେ ସୋଲାର କ୍ଲବ କଟକ ୪୨ ରନରେ ଆରୱାଇସିସି ରାଉରକେଲାକୁ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି। ସୋଲାର ଦଳ ପ୍ରଥମେ ବ୍ୟାଟିଂ କରି ୧୭୯ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୁମନ୍ତ ନାୟକ ୫୩ରନ କରିଥିଲେ। ଜବାବରେ ଆରୱାଇସିସି ରାଉରକେଲା ୧୩୭ ରନ କରି ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ଗଙ୍ଗା ହରିପାଲ ୪୪ରନ ସଂଗ୍ରହ କରିଥିଲେ। ସୋଲାର ଦଳର ସୁମନ୍ତ ନାୟକ ମ୍ୟାନ ଅଫ୍ ଦି ମ୍ୟାଚ ଘୋଷିତ ହୋଇଥିଲେ। ସଞ୍ଜୟ ସାମଲ ଓ ପ୍ରଶାନ୍ତ ଦାସ ଖେଳ ପରିଚାଳନା କରିଥିଲେ। ବିଜନ ମିଶ୍ର ଧାରା ବିବରଣୀ ପ୍ରଦାନ କରିଥିଲେ। ମିହିର ରାଉତ, ପ୍ରସନ୍ନଜିତ ସାମଲ ଓ ବୀରେନ୍ଦ୍ର ସାମଲ ସ୍କୋରର ରହିଥିଲେ। ରବିବାର ଏସିସି ଅନୁଗୋଳ ଓ ଏନ୍ଆର୍ସିଏ ନାଲ୍କୋ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

## ଗର୍ଭବତୀଙ୍କ ମୃତ୍ୟୁ

ଅନୁଗୋଳ ଅଫିସ/ବନ୍ତଳା, ୨୮।୧୨ (ଡି.ଏନ୍.ଏ.)

ଅନୁଗୋଳ ଜିଲା ବାଗେଡ଼ିଆର ଜିତେନ୍ଦ୍ର ସାହୁଙ୍କ ସ୍ତ୍ରୀ ସସ୍ମିତା ସାହୁ(୨୫)ଙ୍କ ଶନିବାର ଅପରାହ୍ନରେ ମୃତ୍ୟୁ ହୋଇଛି। ସେ ୩ ମାସର ଗର୍ଭବତୀ ଥିଲେ। ଏ ନେଇ ସସ୍ମିତାଙ୍କ ପରିବାର ପକ୍ଷରୁ ଅନୁଗୋଳ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗତ ଜୁଲାଇ ୭ ତାରିଖରେ ଜିତେନ୍ଦ୍ର ବ୍ରାହ୍ମଣଦେଇପଡ଼ାରେ ବିବାହ କରିଥିଲେ। ସସ୍ମିତା ୩ ମାସର ଗର୍ଭବତୀ ଥିବାବେଳେ ହଠାତ୍ ତାଙ୍କ ଶରୀର ଅସୁସ୍ଥ ହୋଇଥିଲା। ତାଙ୍କୁ ପ୍ରଥମେ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବନ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟସେବା ଶିବିର

ବନ୍ତଳା, ୨୮।୧୨ (ଡି.ଏନ୍.ଏ.): ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ଜିଲିଣ୍ଡା ରେଞ୍ଜ ଆନୁକୂଲ୍ୟରେ ଟିକରପଡ଼ା ପଞ୍ଚାୟତର କଟରଙ୍ଗ ଗ୍ରାମରେ ଶନିବାର ସ୍କୁଲ ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲିଣ୍ଡା ରେଞ୍ଜର ହରିସ୍ ପ୍ରଧାନଙ୍କ ନେତୃତ୍ୱରେ ଉକ୍ତ ଶିବିରରେ ଡାକ୍ତର ବିନୋଦ ସାହୁ, ଏଫ୍ଇଓ ସନ୍ତୋଷ ମିଶ୍ର, ଫରେଷ୍ଟର ବିରଞ୍ଚି ନାରାୟଣ ଆପଟ୍ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଔଷଧ ବଣ୍ଟନ କରିଥିଲେ। ଏଥିରେ ଗ୍ରାମର ୬୦ ଜଣଙ୍କୁ ଔଷଧ ବଣ୍ଟନ କରାଯାଇଥିଲା। ଗାର୍ଡ ଜଲି ଦେହୁରୀଙ୍କ ସହିତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।




କଟରଙ୍ଗରେ ସ୍ୱାସ୍ଥ୍ୟସେବା ଶିବିର।

**ପୂର୍ବ ତଟ ରେଳପଥ**
**ଭଡ଼ା ସୂତ୍ରରେ ଗାଡ଼ି**
ଟେଣ୍ଡର ସଂ. ELS-ANGL-OT-19-20-15
**କାର୍ଯ୍ୟର ନାମ :** ଦୁଇ ବର୍ଷ ସମୟାବଧି ନିମନ୍ତେ ଚାଳକ ଓ ଇନ୍ଧନ ସହିତ ଏକ ବହୁ ଉପଯୋଗୀ ହାଲୁକା ସଡ଼କ ଗାଡ଼ି ଭଡ଼ା ସୂତ୍ରରେ ନେବା।
**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) :** ₹ 8,93,645.05, EMD (ଟଙ୍କାରେ): ₹ 17,900.00, ଟେଣ୍ଡର କାଗଜପତ୍ରର ମୂଲ୍ୟ (ଟଙ୍କାରେ) : ₹ 2,360.00, କାର୍ଯ୍ୟ ସମାପ୍ତିର ଅବଧି : 21 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା 31.12.2019 ରିଖ,
**ଟେଣ୍ଡର ବନ୍ଦ ହେବାର ଅନ୍ତିମ ତାରିଖ ଓ ସମୟ :** ତା 14.01.2020 ରିଖ 1500 ଘଟିକା ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର ୱେବ୍ସାଇଟ୍ http://www.ireps.gov.in ରେ ଉପଲବ୍ଧ।
ସିନିୟର ଡ଼ିଭିଜନାଲ୍ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର (TRS), ଅନୁଗୋଳ
PR-614/K/19-20

## ସପ୍ତଶଯ୍ୟା ଉତ୍ସବ ଉଦ୍ଘାଟିତ

# ମମତାକୁ ପାଥେୟକରି ମା’ ମାଟିର ବିକାଶ କର

ଢେଙ୍କାନାଳ ଅଫିସ,୨୮।୧୨



ସପ୍ତଶଯ୍ୟା ଉତ୍ସବ ଉଦ୍ଘାଟନୀ ସନ୍ଧ୍ୟାରେ ଅତିଥିମାନେ।

ଢେଙ୍କାନାଳ ଜିଲା ସଦର ବ୍ଲକର ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ସପ୍ତଶଯ୍ୟା ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ସନ୍ଧ୍ୟାରେ ପ୍ରଥମ ସପ୍ତଶଯ୍ୟା ଉତ୍ସବ ଉଦ୍ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍ପି ମହେଶ ସାହୁ ଯୋଗଦେଇ ଏହାକୁ ଉଦ୍ଘାଟନ କରି କହିଲେ ଯେ, ଜନ୍ମ ମାଟିର ଆଦର, ମମତାକୁ ପାଥେୟ କରି ପ୍ରତ୍ୟେକ ନିଜନିଜ କ୍ଷେତ୍ରରେ ମା’ ମାଟିର ବିକାଶ କରିବା ଆବଶ୍ୟକ। ପ୍ରତ୍ୟେକ ଉତ୍ସବର ନାମକରଣ ସହିତ ଏହାକୁ ସମ୍ପୃକ୍ତ ସ୍ଥାନରେ ପାଳନ କଲେ ସେହି କ୍ଷେତ୍ରରେ ବିକାଶ ସହିତ ଅଞ୍ଚଳର ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଅଣାଯାଇପାରିବ ବୋଲି ଏମ୍ପି କହିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଜିଲାପାଳ ଭୂମେଶଚନ୍ଦ୍ର ବେହେରା କହିଲେ ଯେ, ଜିଲାର ପର୍ଯ୍ୟଟନ କ୍ଷେତ୍ରର ବିକାଶ ସହିତ ପାରିପାର୍ଶ୍ୱିକ ଉନ୍ନତି ପାଇଁ ପ୍ରଶାସନ ସହିତ ଅଞ୍ଚଳବାସୀ ଆଗେଇ ଆସିଲେ କୌଣସି କାର୍ଯ୍ୟ ଅସମ୍ଭବ ହେବନାହିଁ। ସପ୍ତଶଯ୍ୟାଠାରେ ଥିବା ଡୋକ୍ରା ଶିଳ୍ପର ବିକାଶ ପାଇଁ ବହୁବିଧ କାର୍ଯ୍ୟ କରାଯାଉଥିବା ଜିଲାପାଳ ସୂଚନା ଦେଇଥିଲେ। ସପ୍ତଶଯ୍ୟା ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଦୁଷ୍ୟନ୍ତ ଦାସ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅନୁଷ୍ଠାନ ଅଧକ୍ଷା ଗାୟିତ୍ରୀ ରଥ ଡୋକ୍ରା ଶିଳ୍ପର ଆନ୍ତର୍ଜାତିକ ବଜାରରେ ଚାହିଦା ସୃଷ୍ଟି ପାଇଁ ଏହି ଅନୁଷ୍ଠାନ କାର୍ଯ୍ୟ କରୁଛି ବୋଲି ସୂଚନା ଦେବା ସହ ଦେଶ ବିଦେଶରୁ ଡିଜାଇନର ଆଣି ଏଠାକାର କାରିଗରମାନଙ୍କୁ ନୂତନ ଚାହିଦା ମୁତାବକ ତାଲିମ ପ୍ରଦାନ ସହିତ ଜିଲାରେ ପ୍ରତିଷ୍ଠିତ ହସ୍ତଶିଳ୍ପର ବିକାଶ ପାଇଁ ଫାଉଣ୍ଡେଶନ କାର୍ଯ୍ୟ କରିବ ବୋଲି ପ୍ରକାଶ କରିଥିଲେ। ସପ୍ତଶଯ୍ୟା ଉତ୍ସବ ଏହାର ଏକ ସଂଯୋଗ ସେତୁ ବୋଲି ସେ କହିଥିଲେ। ଗ୍ରାମୀୟ ସରପଞ୍ଚ ଯେସସ ସାହୁ ଅତିଥି ଭାବେ ଯୋଗଦେଇ ଆଗାମୀ ଦିନରେ କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟା ପୁଷ୍ପାଞ୍ଜଳି ବାଘ, ଗ୍ରାମ କମିଟି ସଭାପତି ନବକିଶୋର ସ୍ୱାଇଁ, ସମ୍ପାଦକ ପଦ୍ମନାଭ ବାରିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦ୍ବୋଧନ ଦେଇଥିଲେ। ଜିଲା କଳା ସଂସ୍କୃତି ସଂଘର ଉପସଭାପତି ଅବନୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଫାଉଣ୍ଡେଶନ ମୁଖ୍ୟ ମନୋରମା ରଥ ଏବଂ କୁମାର ପ୍ରବୀଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସପ୍ତଶଯ୍ୟା ପଞ୍ଚାୟତ କାର୍ଯ୍ୟାଳୟଠାରୁ ବହୁ ସଂଖ୍ୟାରେ କାରିଗର ଓ ଗ୍ରାମବାସୀ ମଶାଲ ଶୋଭାଯାତ୍ରାରେ ନୃତ୍ୟ, ବାଦ୍ୟ ସହିତ ଉତ୍ସବସ୍ଥଳକୁ ଆସିଥିଲେ। ଏହି ଉତ୍ସବ ୩ଦିନ ଧରି ଅନୁଷ୍ଠିତ ହେଉଥିବା ବେଳେ ରବିବାର ଏହା ଉଦ୍ଯାପିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାପଡିଛି।



## ସଂକ୍ଷେପରେ

### ବାପାଙ୍କ ଟାଙ୍ଗିଆ ଚୋଟରେ ପୁଅ ଗୁରୁତର

**ଛେଣ୍ଡିପଦା,୨୮।୧୨(ସ୍ୱ.ପ୍ର.):**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କୋଶଳା ଝାରସୁଗୁଡା ସାହିରେ ଶନିବାର ରାତି ସାଢେ ୮ବେଳେ ପାରିବାରିକ କଳହକୁ ନେଇ ବାପଙ୍କ ଟାଙ୍ଗିଆ ଚୋଟରେ ପୁଅ ଗୁରୁତର ହୋଇଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ, କୋଶଳା ଝାରଶୁଗୁଡା ସାହିର ବିଚିତ୍ରା ସାହୁ ଓ ତାଙ୍କ ପୁଅ ପ୍ରଶାନ୍ତ ସାହୁଙ୍କ ମଧ୍ୟରେ ଶନିବାର ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସକାଳେ ସାନ ପୁଅ ପ୍ରଶାନ୍ତ ସାହୁ ବାପାଙ୍କୁ ମାଡ ମାରିଥିଲେ। ଏ ନେଇ ବିଚିତ୍ରା ସାହୁ ସକାଳେ ପୁଅ ନାମରେ ଛେଣ୍ଡିପଦା ଥାନାରେ ଅଭିଯୋଗ କରିଥିଲେ। ସନ୍ଧ୍ୟାରେ ବାପା ଘରେ ବସିଥିବା ବେଳେ ଉକ୍ତ ଘଟଣାକୁ ନେଇ ପୁଅ ଏକ ଟାଙ୍ଗିଆରେ ବାପାଙ୍କୁ ହାଣିବା ପାଇଁ ଉଦ୍ୟତ ହୋଇଥିଲେ। ଏହି ସମୟରେ ସେହି ଟାଙ୍ଗିଆକୁ ବାପା ବିଚିତ୍ରା ସାହୁ ଛଡାଇ ଆଣି ପୁଅ ଉପରକୁ ଫୋପାଡି ଦେଇଥିଲେ। ଟାଙ୍ଗିଆଟି ପୁଅର ପେଟରେ ବାଜିବାରୁ ଅନ୍ତବୁଜୁଳା ବାହାରି ପଡ଼ିଥିଲା। ଖବରପାଇ ଛେଣ୍ଡିପଦା ଥାନା ଏସ.ଆଇ. ପ୍ରତାପ ଚନ୍ଦ୍ର ଦଳେଇ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ପ୍ରଶାନ୍ତ ସାହୁଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ପୋଲିସ ବିଚିତ୍ରା ସାହୁଙ୍କୁ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିଛି। ଆଗରୁ ଅନେକ ଥର ବାପ-ପୁଅଙ୍କ ମଧ୍ୟରେ ଏପରି ଗଣ୍ଡଗୋଳ ଘଟିଛି ଓ ଘଟଣା ଥାନାଯାଏ ଆସିଥିବା ବେଳେ ଉପୟପକ୍ଷ ସମାଧାନ କରି ଘରକୁ ଫେରିଥିବା ପୋଲିସ ପ୍ରକାଶ କରିଛି।

### ଖଙ୍କିରା କପ୍: ବାଲିବୋ ସେମିରେ

ଢେଙ୍କାନାଳ ଅଫିସ,୨୮।୧୨

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଖଙ୍କିରା ଗ୍ରାମସ୍ଥିତ ମାରୁତି ସ୍ପୋର୍ଟସ୍ ଆସୋସିଏଶନ ପକ୍ଷରୁ ଚାଲିଥିବା କେ.ସି. ଧୀର ମେମୋରିଆଲ ଖଙ୍କିରା କପ୍ କ୍ରିକେଟ ପ୍ରତିଯୋଗିତାର ଶନିବାର କ୍ୱାର୍ଟର ଫାଇନାଲ ମ୍ୟାଚରେ ବାଲିବୋ ଭୁବନ ଦଳ ୪୪ ରନରେ ପାଗା ସାଲେପୁରକୁ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି। ବାଲିବୋ ଦଳ ପ୍ରଥମେ ବ୍ୟାଟିଂ କରି ୧୬୫ ରନ ସଂଗ୍ରହ କରିଥିଲା। ଜବାବରେ ପାଗା କ୍ରିକେଟ କ୍ଲବ ୧୨୧ ରନ ସଂଗ୍ରହ କରିଥିଲା। ମନୋଜ ବ୍ରହ୍ମା ଓ ପିଣ୍ଟୁ ସ୍ୱାଇଁ ଖେଳ ପରିଚାଳନା କରିଥିଲେ। ରବିବାର ପ୍ରଥମ ସେମି ଫାଇନାଲ ଧବଳଗିରି ଓ ବଡଚଣା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାପଡିଛି।

■ଜିଲାସ୍ତରୀୟ ବ୍ୟାଙ୍କ ସମୀକ୍ଷା ଓ ପରାମର୍ଶଦାତା କମିଟି ବୈଠକ

# ସହଜ ଉପାୟରେ ଋଣ ପ୍ରଦାନ ଉପରେ ଗୁରୁତ୍ୱ

**ଅନୁଗୋଳ ଅଫିସ, ୨୮।୧୨**



ବୈଠକରେ ଯୋଗ ଦେଇଥିବା ପ୍ରଶାସନିକ ଓ ବ୍ୟାଙ୍କର ଅଧିକାରୀମାନେ।

ଜିଲାସ୍ତରୀୟ ବ୍ୟାଙ୍କ ସମୀକ୍ଷା ଓ ପରାମର୍ଶଦାତା କମିଟିର ତ୍ରୈମାସିକ ବୈଠକ ଅଗ୍ରଣୀ ଜିଲା ପ୍ରବନ୍ଧକ ମହେଶ୍ୱର ଗୌଡ଼ଙ୍କ ଆବାହନ କ୍ରମେ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରକଳ୍ପ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସମୀକ୍ଷା ଓ ପରାମର୍ଶଦାତା କମିଟିର ଅଧ୍ୟକ୍ଷ ତଥା ଜିଲାପାଳ ମନୋଜ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ୟୁକୋ ବ୍ୟାଙ୍କ ଆଞ୍ଚଳିକ ପ୍ରବନ୍ଧକ ସଞ୍ଜୟ କୁମାର ପାଟିଲ, ଭାରତୀୟ ରିଜର୍ଭ ବ୍ୟାଙ୍କର ଅଗ୍ରଣୀ ଜିଲା ଅଧିକାରୀ ସୁନୀଲ କୁମାର ଦାସ, ନାବାର୍ଡର ସହ ସାଧାରଣ ପ୍ରବନ୍ଧକ ଏନ୍.ଏସ୍.ଆର୍. ମୂର୍ତ୍ତି, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ପ୍ରବନ୍ଧକ ଏନ୍. ରାଉତ, ଅନୁଗୋଳ ମିଳିତ ସମବାୟ ବ୍ୟାଙ୍କର ମୁଖ୍ୟ ନିର୍ବାହୀ ଅଧିକାରୀ ଭୋଳେଶ୍ୱର ମଲ୍ଲିକ, ବିଭିନ୍ନ ବ୍ୟାଙ୍କର ପରିଚାଳକ ଓ ଜିଲାର ବିଭିନ୍ନ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ। ଜିଲାପାଳ ତଥା ଅଧ୍ୟକ୍ଷ ଜିଲାର କୃଷି, ଶିଳ୍ପ, ଗୃହ, ଶିକ୍ଷା ଓ ଅନ୍ୟାନ୍ୟ ଅଗ୍ରାଧିକାର କ୍ଷେତ୍ରରେ ଋଣ ପ୍ରଦାନର ସମୀକ୍ଷା କରି ସମସ୍ତ ସଦସ୍ୟମାନଙ୍କୁ ସାମାଜିକ ତଥା ଅର୍ଥନୈତିକ ଉନ୍ନତି ଦିଗରେ ପ୍ରୟାସ ଜାରି ରଖିବା ପାଇଁ ଉପଦେଶ ଦେଇଥିଲେ। ମୁଖ୍ୟତଃ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ମାଇକ୍ରୋ ଫାଇନାନ୍ସ ସଂସ୍ଥା ଗୁଡ଼ିକ କବଳରୁ ମୁକ୍ତ କରିବା ପାଇଁ ବ୍ୟାଙ୍କମାନେ ସୁଲଭ ଓ ସହଜ ଉପାୟରେ ଋଣ ପ୍ରଦାନ କରିବା ଉଚିତ ବୋଲି ପରାମର୍ଶ ଦେଇଥିଲେ। ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ନାବାର୍ଡ ଦ୍ୱାରା ପ୍ରସ୍ତୁତି ସମ୍ଭାବ୍ୟ ଋଣ ଯୋଜନା ପୁସ୍ତକ ଜିଲାପାଳ ଉନ୍ମୋଚନ କରି ବୈଠକରେ ଅନୁମୋଦନ କରିଥିଲେ। ଏହି ଋଣ ଯୋଜନା ଅନୁଯାୟୀ ଆର୍ଥିକ ବର୍ଷ ୨୦୨୦-୨୧ ପାଇଁ ଜିଲାର ସମସ୍ତ ବ୍ୟାଙ୍କ ମୋଟ ୨୬୦୬.୯୬ କୋଟି ଟଙ୍କାର ସମ୍ଭାବ୍ୟ ଋଣ ବିଭିନ୍ନ ଅଗ୍ରାଧିକାର କ୍ଷେତ୍ରରେ ପ୍ରଦାନ କରିବା ପାଇଁ ଆବେଦନ କରାଯାଇଛି। ଶେଷରେ ବିତ୍ତୀୟ ସାକ୍ଷରତା ଉପଦେଷ୍ଟା ପ୍ରମୋଦ କୁମାର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୋଡ଼ାଇଥିବୁ ଧରିବୁ ନାହିଁ
ଉଞ୍ଚାଇଥିବୁ ମାରିବୁ ନାହିଁ ।**

ଅପରାଧୀ ବ୍ୟକ୍ତିକୁ ଗୋଡ଼େଇବାରେ କ୍ଷତି ନ ଥିବା ବେଳେ ତାକୁ ଧରିବାରେ ବିପଦ ରହିଥାଏ। ସେହିପରି ମାଡ଼ ଦେବାର ପ୍ରତିକ୍ରିୟା ବେଳେ ବେଳେ ଭୟଙ୍କର ହୋଇଥାଏ। ତେଣୁ ମାଡ଼ ଦେବାକୁ ଉଞ୍ଚାଇବା ବା ଧମକ ଦେବା ଯଥେଷ୍ଟ ହୋଇଥିବା ବେଳେ ଗୁରୁତର ଘଟଣା ନ ଘଟେଇବା ଲାଗି ଏପରି ଉପଦେଶ ପ୍ରଦାନ କରାଯାଇଛି।

**ଗୋଡ଼ ଖସିଗଲେ ଜଣେ ମରେ
ତୁଣ୍ଡ ଖସିଗଲେ ସହସ୍ରେ ମରନ୍ତି ।**

ଗୋଡ଼ ଖସିଗଲେ ସ୍ଥଳବିଶେଷରେ ଜଣେ ପଡ଼ି ଲହୁଲୁହାଣ ହୋଇଯାଏ। ପରନ୍ତୁ ତୁଣ୍ଡ ଖସିଗଲେ ବା ଅପ୍ରିୟ କଥା ବାହାରିଗଲେ ପରିଣତି ଅନେକ ସମୟରେ ସାଂଘାତିକ ହୋଇଯାଏ ଯା'ର ପରାଭବ ଅନେକଙ୍କୁ ଭୋଗିବାକୁ ପଡ଼ିଥାଏ। ଅସାବଧାନତା ହିଁ ଅସୁବିଧାର କାରଣ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

■ଶୀତରେ ଥରୁଛି ଅନୁଗୋଳ ସହର

# ତାପମାତ୍ରା ୮କୁ ଖସିଲା


ଅନୁଗୋଳ ଜିଲା ପୋକତୁଙ୍ଗା ଗ୍ରାମରେ ଅପରାହ୍ନ ୧ଟାରେ ଲୋକମାନେ ନିଆଁ ଜାଳି ସେକି ହେଉଛନ୍ତି।

**ଅନୁଗୋଳ ଅଫିସ/ବନ୍ତଳା, ୨୮।୧୨ (ଡି.ଏନ୍.ଏ.)**

ଅନୁଗୋଳ ଜିଲାରେ ଦିନକୁ ଦିନ ତାପମାତ୍ରା ହ୍ରାସ ପାଇବାରେ ଲାଗିଛି। ଫଳରେ ସାରା ଜିଲା ଏବେ ଶୀତରେ ଥରୁଛି। ଗୁରୁବାର ଓ ଶୁକ୍ରବାର କୁହୁଡ଼ି ସାଙ୍ଗକୁ ଝିପିଝିପି ବର୍ଷା ପରେ ଶୀତୁଆ ପବନ ଜିଲାବାସୀଙ୍କୁ କାଲୁଆ କରିଦେଲାଣି। ପବନରେ ଥଣ୍ଡା ଭାଗ ଏତେ ଯେ ଲୋକେ ଦିନ ତମାମ୍ ଶୀତବସ୍ତ୍ର ଦେହରୁ ଖୋଲୁନାହାନ୍ତି। ସକାଳେ ଓ ସନ୍ଧ୍ୟାରେ ଲୋକେ କାଠ, କୁଟା ଜାଳି ନିଆଁରେ ସେକି ହେଉଛନ୍ତି। ଶନିବାର ସକାଳେ ଅଧିକ ଶୀତ ଅନୁଭୂତ ହେବାରୁ ଘରୁ ପଦାକୁ ବାହାରିବା କଷ୍ଟକର ହୋଇପଡ଼ିଥିଲା। ମଧ୍ୟାହ୍ନ ୧୨ଟା ଠାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଖରା ଥିଲେ ବି ଶୀତର ମାତ୍ରା ହ୍ରାସ ପାଇବା ଭଳି ଲାଗୁ ନ ଥିଲା। ସେହିପରି ସନ୍ଧ୍ୟାରୁ ମଧ୍ୟରାତି ଯାଏ ପ୍ରବଳ ଶୀତ ଅନୁଭୂତ ହେଉଥିଲା। ଜିଲା ପାଣିପାଗ ବିଭାଗର ରିପୋର୍ଟ ଅନୁଯାୟୀ, ଶୁକ୍ରବାର ତାପମାତ୍ରା ସର୍ବନିମ୍ନ ୧୩.୦ ଡିଗ୍ରୀ ଥିବାବେଳେ ସର୍ବାଧିକ ୨୧.୦ ରହିଥିଲା। ଶନିବାର ସକାଳେ ୮.୩୦ ଓ ସର୍ବନିମ୍ନ ୮.୦ ଥିବାବେଳେ ସର୍ବାଧିକ ୨୪.୭ ରହିଥିଲା।

■ଦେବେନ୍ଦ୍ର ମେମୋରିଆଲ କ୍ରିକେଟ୍

# ଭୁବନେଶ୍ୱରକୁ ହରାଇ ରାୟପୁର ବିଜୟୀ


ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

**ଭୁବନ,୨୮।୧୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ମିନି ଷ୍ଟାଡିୟମଠାରେ ଚାଲିଥିବା ୨୮ତମ ସର୍ବଭାରତୀୟ ଦେବେନ୍ଦ୍ର ମେମୋରିଆଲ କ୍ରିକେଟ୍ ପ୍ରତିଯୋଗିତାର ଗ୍ରୁପ୍-ବି ଶେଷ ଲିଗ୍ ମ୍ୟାଚ ଶନିବାର ରାୟପୁର ଓ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ରାୟପୁର ପ୍ରଥମେ ବ୍ୟାଟିଂ କରି ୧୫୮ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପଙ୍କଜ ନାଇଡୁ ୭୭ ରନ ସଂଗ୍ରହ କରିଥିବା ବେଳେ ୨ଟି ଉଇକେଟ ନେଇଥିବାରୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ଜବାବରେ ଭୁବନେଶ୍ୱର ୨୫ ଓଭରରେ ୧୪୯ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା। ଦଳ ପକ୍ଷରୁ ସ୍ୱସ୍ତିକ୍ ସର୍ବାଧିକ ୪୫ ରନ କରିଥିଲେ। ଅସିତ କୁମାର ପଟ୍ଟନାୟକ ଓ ବିପିନ ବିହାରୀ ସେଠୀ ଖେଳ ପରିଚାଳନା କରିଥିବା ବେଳେ ଅମିତାବ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ରବିବାର ପ୍ରଥମ ସେମି ଫାଇନାଲ ମ୍ୟାଚ ଭୁବନ ଓ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ଜଣାଯାଇଛି। ତାଳଚେର ଖଣି ଅଧିକାରୀ ବିଶ୍ୱନାଥ ସୋରେନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

## ନବଜାତ ଶିଶୁ କନ୍ୟା ଉଦ୍ଧାର

**ଅନୁଗୋଳ ଅଫିସ/ ବନ୍ତଳା ୨୮।୧୨ (ଡି.ଏନ.ଏ.)**

ଅନୁଗୋଳ ଜିଲା ବଅଁରପାଳ ଥାନା ତେନ୍ତୋଲୋଇ ପୋଖରୀ ହୁଡ଼ାରୁ ଶନିବାର ଏକ ନବଜାତ ଶିଶୁ କନ୍ୟା ଉଦ୍ଧାର କରାଯାଇଛି। ଗ୍ରାମର ଜଣେ ବ୍ୟକ୍ତି ପୋଖରୀକୁ ଯାଇଥିବାବେଳେ ନବଜାତ ଶିଶୁ କନ୍ୟାଟି କାନ୍ଦୁଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ଗ୍ରାମବାସୀଙ୍କୁ ଜଣାଇବା ପରେ ଗ୍ରାମବାସୀ ଶିଶୁକନ୍ୟାକୁ ଉଦ୍ଧାର କରି ଅଙ୍ଗନୱାଡି କର୍ମୀ ଓ ଆଶାକର୍ମୀଙ୍କୁ ହସ୍ତାନ୍ତର କରିଥିଲେ। ଶିଶୁର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ତାକୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ଖବରପାଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଚିକିତ୍ସା ବ୍ୟବସ୍ଥା ତଦାରଖ କରିଥିଲେ।

# ଲାୟନ୍ସ ବଡ଼ହୁଲା, ଷୋଳପଦା କ୍ଲବ ବିଜୟୀ


ଉଦ୍‌ଘାଟନ ଅବସରରେ ଅତିଥିଙ୍କ ସହ ଖେଳାଳି ଓ ଗ୍ରାମବାସୀ।

**ବଇଣ୍ଡା,୨୮।୧୨(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଡ଼ହୁଲା ହାଇସ୍କୁଲ ଖେଳ ପଡ଼ିଆଠାରେ ଶନିବାର ମହାଶକ୍ତି କ୍ରିକେଟ କ୍ଲବ ଆନୁକୂଲ୍ୟରେ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଗ୍ରାମ ସଭାପତି ଭୀମସେନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ପରିକ୍ଷିତ ସାହୁ, ଦୀପକ ବେହେରା, ଅନିଲ ପ୍ରଧାନ, ସର୍ବେଶ୍ୱର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ଦିନରେ ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ଲାୟନ୍ସ ବଡ଼ହୁଲା ଏବଂ ବାହୁବଳୀ ବଇଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଲାୟନ୍ସ ବଡ଼ହୁଲା ବ୍ୟାଟିଂ କରି ୮୦ ରନ କରିଥିଲା। ଜବାବରେ ବାହୁବାଳୀ ବଇଣ୍ଡା ୭୦ ରନ କରି ପରାସ୍ତ ହୋଇଥିଲା। ସେହିପରି ୨ୟ ମ୍ୟାଚ୍ ବିକାଶ ବଇଣ୍ଡା ଏବଂ ଷୋଳପଦା କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଷୋଳପଦା ବ୍ୟାଟିଂ କରି ୫୯ ରନ କରିଥିବାବେଳେ ଜବାବରେ ବିକାଶ ବଇଣ୍ଡା ୫୩ ରନ କରି ପରାସ୍ତ ହୋଇଥିଲା। ସାନନ୍ଦ ଦେହୁରୀ, ବରୁଣ ଦେହୁରି, ଚିନ୍ମୟୀ ଦେହୁରୀ ପରିଚାଳନା କରିଥିଲେ।

# ମହିଳା ଖବରଦାତା, କ୍ୟାମେରାମ୍ୟାନଙ୍କୁ ଆକ୍ରମଣ

**ଭୁବନେଶ୍ୱର,୨୮।୧୨(ବ୍ୟୁରୋ)**

**ଏସ୍‌ପ୍ଲାନେଡ୍ ମଲ୍ କର୍ତ୍ତୃପକ୍ଷଙ୍କ ଗୁଣ୍ଡାରାଜ**
- ■ପାର୍କିଂ ଫି ଉପରେ ଖବର ପ୍ରସାରଣ କରୁଥିଲେ
- ■ବନ୍ଦ ଘରେ ରଖି ଅସଦାଚରଣ ଅଭିଯୋଗ
- ■ଗୋଇଠା ମାରି କ୍ୟାମେରା ଭାଙ୍ଗିବାକୁ ଉଦ୍ୟମ

ସୀମା ଟପିଲା ଏସ୍‌ପ୍ଲାନେଡ୍ ମଲ୍ କର୍ତ୍ତୃପକ୍ଷଙ୍କ ଦାଦାଗିରି। ଜଣେ ମହିଳା ଖବରଦାତା ଓ କ୍ୟାମେରାମ୍ୟାନଙ୍କୁ ମଲ୍ ଭିତରେ ଆକ୍ରମଣ କରାଯିବା ସହ ଏକ ବନ୍ଦ ଘରେ ଅକଥନୀୟ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଛି। ମହିଳା ଖବରଦାତାଙ୍କୁ ମଲ୍ କର୍ମଚାରୀ ଅସଦାଚରଣ କରିଥିବାବେଳେ କ୍ୟାମେରାମ୍ୟାନଙ୍କୁ ଗୋଇଠା ଓ ମାଡ଼ ମରାଯାଇଛି। ଏଥିସହ ତାଙ୍କ କ୍ୟାମେରା ଭାଙ୍ଗିବାକୁ ଉଦ୍ୟମ ହୋଇଥିବା ଶହୀଦନଗର ଥାନାରେ ମହିଳା ଖବରଦାତା ଜଣକ ଗୁରୁତର ଅଭିଯୋଗ କରିଛନ୍ତି।

ଏସ୍‌ପ୍ଲାନେଡ୍ ମଲ୍‌ରେ ପାର୍କିଂ ଫି ଆଦାୟ ସଂକ୍ରାନ୍ତରେ ଖବର ସଂଗ୍ରହ ପାଇଁ ଏକ ୱେବ୍ ଚ୍ୟାନେଲର ମହିଳା ପ୍ରତିନିଧି ତାଙ୍କ କ୍ୟାମେରା ମ୍ୟାନ୍ ପ୍ରମୋଦ ମହାପାତ୍ରଙ୍କ ସହ ଶନିବାର ସନ୍ଧ୍ୟା ପ୍ରାୟ ୬ଟାରେ ପହଞ୍ଚିଥିଲେ। ପାର୍କିଂ ଫି ଆଦାୟ ହେଉଥିବା କାଉଣ୍ଟର ନିକଟକୁ ଯାଇ ଲାଇଭ୍ ରିପୋର୍ଟିଂ କରୁଥିବାବେଳେ ମଲ୍‌ର ସିକ୍ୟୁରିଟି ସୁପରଭାଇଜର ଓ ମଲ୍ ମ୍ୟାନେଜର ଶ୍ୟାମା ଝା ହଠାତ୍ ତାଙ୍କୁ ଧକ୍କା ମାରିଥିଲେ। ସେ ତଳେ ପଡିଯାଇଥିବାବେଳେ ତାଙ୍କୁ କାଉଣ୍ଟର ପଛରେ ଥିବା ଏକ ଘର ଭିତରକୁ ନେଇଯାଇଥିଲେ। ଏହି ସମୟରେ ୩ଜଣ ସିକ୍ୟୁରିଟି ଗାର୍ଡ କ୍ୟାମେରା ମ୍ୟାନ ପ୍ରମୋଦଙ୍କୁ ଗୋଡ଼ାଇ ଗୋଡ଼ାଇ ମାଡ଼ ମାରିଥିଲେ। ସେମାନେ ମହିଳା ଖବରଦାତାଙ୍କୁ ଅସଦାଚରଣ କରିବା ସହ ଆଉ ଏପରି ଖବର ସଂଗ୍ରହ କଲେ ବଳାତ୍କାର କରିଦେବୁ ବୋଲି ଧମକ ଦେଇଥିଲେ। ଆଉ କେତେଜଣ କ୍ୟାମେରାମ୍ୟାନଙ୍କୁ ନିସ୍ତୁକ ମାଡ଼ ମାରିବା ସହ କ'ଣ ଶୁଟିଂ କରୁଛୁ ଶୀଘ୍ର ଡିଲିଟ୍ କର କହି କ୍ୟାମେରାକୁ ଭାଙ୍ଗି ଦେବାକୁ ଉଦ୍ୟମ କରିଥିଲେ। ୧୫ ମିନିଟ୍ ଧରି ଏପରି ଆକ୍ରମଣ ଚାଲିଥିବାବେଳେ କେତେଜଣ ସାମ୍ବାଦିକ ଓ ଲୋକ ସେଠାରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରିଥିଲେ। ଏନେଇ ଶହୀଦନଗର ଥାନା ଅଧିକାରୀ ବିରଞ୍ଚି ନାରାୟଣ ପତି କହିଛନ୍ତି, ଅଭିଯୋଗ ଆଧାରରେ ଆଇପିସି ଦଫା ୩୪୧, ୩୨୩, ୩୫୪, ୩୪୨, ୩୪ରେ ମାମଲା ( ନଂ-୭୦୦/୧୯) ରୁଜୁ କରାଯାଇ ତଦନ୍ତ ଚାଲିଛି। ସିସିଟିଭି ଓ କ୍ୟାମେରା ଭିଡିଓ ଯାଞ୍ଚ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

# ସୁବର୍ଣ୍ଣ ଜୟନ୍ତୀ ସମାରୋହ ପ୍ରସ୍ତୁତି

**ତାଳଚେର,୨୮।୧୨(ନି.ପ୍ର.)**



ବୈଠକରେ ଉପସ୍ଥିତ ଅତିଥିମାନେ।

ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ନିମନ୍ତେ ଶନିବାର ମହାବିଦ୍ୟାଳୟ ପରିସରରେ ତାଳଚେର ଓ କଣିହାଁ ବ୍ଲକ ଜନପ୍ରତିନିଧିମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଅଶୋକ କୁମାର ଶର୍ମା ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ତାଳଚେର ବିଧାୟକ ତଥା ସୁବର୍ଣ୍ଣ ଜୟନ୍ତୀ କମିଟି ଅଧ୍ୟକ୍ଷ ବ୍ରଜକିଶୋର ପ୍ରଧାନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ କୁମାର ପାଲ, କଣିହାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରମେଶ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସୁବର୍ଣ୍ଣ ଜୟନ୍ତୀ ସମାରୋହର ସଂଯୋଜକ ଅଧ୍ୟାପକ ବିରଞ୍ଚି ନାରାୟଣ ସାମଲ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ଡ. ସରୋଜ କୁମାର ରଥ, ସନ୍ତୋଷ କୁମାର ଦାସ, ନିଖିଳ ରଞ୍ଜନ ଦାସଙ୍କ ସମେତ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ। ଅଧ୍ୟାପକ ଶଶାଙ୍କ କୁମାର ପ୍ରଧାନ ବୈଠକ ପରିଚାଳନା କରିଥିଲେ। ଡ. ନିମାଇଁ ଚରଣ ପ୍ରଧାନ ଧନ୍ୟବାଦ ଦେଇଥିଲେ।

■ବେଲଟିକିରି ଧାନମଣ୍ଡିରେ ଅବ୍ୟବସ୍ଥା

# ମିଲରେ ଚାଷୀଙ୍କୁ ଫେରାଇ ଦେବାରୁ ଅସନ୍ତୋଷ

**ଢେଙ୍କାନାଳ ଅଫିସ,୨୮।୧୨**


ବେଲଟିକିରି ଧାନମଣ୍ଡିରେ ଅବ୍ୟବସ୍ଥା ନେଇ ଅସନ୍ତୁଷ୍ଟ ଚାଷୀମାନେ।

ଢେଙ୍କାନାଳ ଜିଲା ସଦର ବ୍ଲକ ବେଲଟିକିରି ସେବା ସମବାୟ ସମିତି ପରିସରରେ ଥିବା ଧାନମଣ୍ଡିରେ ବ୍ୟାପକ ଅବ୍ୟବସ୍ଥାକୁ ନେଇ ଚାଷୀମାନେ ଶୁକ୍ରବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଧାନ ଠିକ୍ ଥିବା ସତ୍ତ୍ୱେ ମିଲର ଦୁଇଜଣ ଚାଷୀଙ୍କୁ ମଣ୍ଡିରୁ ଧାନ ସହ ଫେରାଇ ଦେବାକୁ ନେଇ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ।

ଅଭିଯୋଗରୁ ଜଣାପଡିଛି ଯେ, ଗତ ୨୩ ତାରିଖରେ ବେଲଟିକିରି ସେବା ସମବାୟ ସମିତିରେ ଧାନମଣ୍ଡିର ଶୁଭାରମ୍ଭ ହୋଇଥିଲା। ଧାନର ମାନ ସରକାରଙ୍କ ନିୟମ ଅନୁଯାୟୀ ଥିବା ସତ୍ତ୍ୱେ ମଣ୍ଡିରେ ୨ ଚାଷୀ ବେଲଟିକିରି ଗ୍ରାମର ବୁଦ୍ଧିମନ୍ତ ସାହୁ ଓ କାଇମାଟି ଗ୍ରାମର ରୁଦ୍ର ଦେହୁରୀଙ୍କୁ ବିଭିନ୍ନ ସମସ୍ୟା ଦେଖାଇ ଫେରାଇ ଦିଆଯାଇଥିଲା। ଏଥିଯୋଗୁ ଅଭାବୀ ବିକ୍ରି ସମ୍ଭାବନା ସୃଷ୍ଟି ହୋଇଛି। ବସ୍ତାରୁ ମିଲର ମନଇଚ୍ଛା ଧାନ କାଟିବା, ଆଦ୍ରତା ମାପକରିବା ମେଶିନରେ ଧାନ ପରୀକ୍ଷା କରିବାରେ ଅନିୟମିତତା, ଠିକ୍ ସମୟରେ ଚାଷୀଙ୍କ ଠାରୁ ଧାନ ନେବାରେ ଅବହେଳା କରିବା, ଧାନ ବସ୍ତାରୁ ୪ କେଜି କାଟିବା ହେତୁ ବହୁ ସମସ୍ୟା ସୃଷ୍ଟି ହୋଇଛି। ତେଣୁ ଚାଷୀଙ୍କ ସୁବିଧା ପାଇଁ ମିଲରଙ୍କୁ ପରିବର୍ତ୍ତନ କରିବା ସହ ଠିକ୍ ସମୟରେ ଧାନ ନିଆଯିବାକୁ ଚାଷୀ ବିଦ୍ୟାଧର ସାହୁ, ବଳଭଦ୍ର ସାମଲ, ବଟକୃଷ୍ଣ ସାମଲ, ଅନିରୁଦ୍ଧ ସାମଲ, ଅଜିତ ପଟ୍ଟନାୟକ, ପ୍ରଦୀପ କୁମାର ସାହୁ, ଘନଶ୍ୟାମ ବେହେରାଙ୍କ ସମେତ ବହୁ ଚାଷୀ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏ ସମ୍ପର୍କରେ ଜିଲା ଯୋଗାଣ ବିଭାଗ ଅଧିକାରୀ ସଞ୍ଜୀବ କୁମାର ସାହୁ କହିଛନ୍ତି, ଚାଷୀମାନଙ୍କ ଅଭିଯୋଗ ମିଳିଛି। ଆର୍ଦ୍ରତା ମାପଯନ୍ତ୍ରକୁ ସଜଡାଯିବ। ସମସ୍ୟାର ସମାଧାନ ପରେ ଅନ୍ୟ ଅଭିଯୋଗଗୁଡିକ ଅନୁଧ୍ୟାନ କରି ପଦକ୍ଷେପ ଗ୍ରହଣ କରାଯିବ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ରବିବାର, ଡିସେମ୍ବର ୨୯/୨୦୧୯ Dhenkanal, Sunday , December 29 / 2019

## ସାପ୍ତାହିକ କାର୍ଯ୍ୟକ୍ରମ

**ଅନୁଗୋଳ**
**ତାରିଖ– ୨୯।୧୨।୧୯**
ନିଖିଳ ଓଡ଼ିଶା ଓକିଲ ସଂଘର ଦୁଇ ଦିନିଆ ଅଧିବେଶନ
ସ୍ଥାନ– ଅନୁଗୋଳ ଷ୍ଟାଡିୟମ
ସମୟ– ପୂର୍ବାହ୍ନ ୧୧ ଘଟିକା
**ତାରିଖ– ୩୦।୧୨।୧୯**
ମିଳିତ ଜନଶୁଣାଣି ଶିବିର
ସ୍ଥାନ– ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ
ସମୟ– ପୂର୍ବାହ୍ନ ୧୦ ଘଟିକା
**କାମାକ୍ଷାନଗର**
**ତାରିଖ–୩୦।୧୨।୧୯**
ଜନ ଅଭିଯୋଗ ଶୁଣାଣି ଶିବିର
ସ୍ଥାନ–କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟ
ସମୟ–ପୂର୍ବାହ୍ନ ୧୦ଟା।

କାର୍-ବାଇକ୍ ସିରିଜ ଦୁର୍ଘଟଣା ମାମଲା

## ଅଭିଯୁକ୍ତ ଚାଳକଙ୍କୁ କୋର୍ଟଚାଲାଣ

ଢେଙ୍କାନାଳ ଅଫିସ,୨୮।୧୨- ଢେଙ୍କାନାଳ ସହର କଚେରୀ ରୋଡ୍‌ରେ ଶୁକ୍ରବାର ଅପରାହ୍ନରେ ଏକ କାର୍ ବେପରୁଆ ଭାବେ ଆସି ରାସ୍ତା କଡରେ ରଖାଯାଇଥିବା ୪ଟି ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଗୁଡିକ ଭାଙ୍ଗିରୁଜି ଯାଇଥିଲା। ପୋଲିସ କାର୍‌କୁ ଜବତ କରିବା ସହ ଚାଳକଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ନିଶାସକ୍ତ ଅବସ୍ଥାରେ ଜନଗହଳି ସ୍ଥାନରେ ଦ୍ରୁତ ଗତିରେ ବେପରୁଆ ଗାଡିଚାଳନା ଯୋଗୁ ଅଭିଯୁକ୍ତ ଚାଳକ ସୁବ୍ରତ କୁମାର ଦେହୁରୀ(୩୪)ଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ ସୂଚନା ଦେଇଛନ୍ତି। ସୁବ୍ରତଙ୍କ ଘର ସଦର ଥାନା ସଦାଶିବପୁର ଅଞ୍ଚଳରେ ବୋଲି ଜଣାପଡିଛି।

କପିଳାସ ନାଟ୍ୟ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

# ବିଡ଼ମ୍ବିତ ଶୈଶବର ଅକୁହାକଥା 'କାହାନୀ ଏକ୍ କଂସ୍ କୀ'


'କାହାନୀ ଏକ୍ କଂସ୍ କୀ' ନାଟକର ଦୃଶ୍ୟ।

**ଢେଙ୍କାନାଳ ଅଫିସ,୨୮।୧୨**

ଢେଙ୍କାନାଳର କଳାପରିଷଦ ଅନୁଷ୍ଠାନ ପକ୍ଷରୁ ୩୯ତମ ବାର୍ଷିକ ଉତ୍ସବ ଅବସରରେ ସ୍ଥାନୀୟ ମିନି ଷ୍ଟାଡିୟମ ଗଜଲକ୍ଷ୍ମୀ କଳାମଣ୍ଡପଠାରେ ଚାଲିଥିବା ଜାତୀୟ ବହୁଭାଷୀ କପିଳାସ ନାଟ୍ୟ ମହୋତ୍ସବର ଶନିବାର ଚତୁର୍ଥ ସନ୍ଧ୍ୟାରେ ନୂଆଦିଲ୍ଲୀର ଡ୍ରାମାଟୋଲୋଜୀ ଥିଏଟର ଗ୍ରୁପ୍ ଦ୍ୱାରା ହିନ୍ଦୀ ନାଟକ 'କାହାନୀ ଏକ୍ କଂସ୍ କୀ' ମଞ୍ଚସ୍ଥ ହୋଇଥିଲା। ନାଟକର ନାଟ୍ୟକାର ଥିଲେ ଡିପି ସିହ୍ନା ଓ ନିର୍ଦ୍ଦେଶନା ଦେଇଥିଲେ ସୁନୀଲ ଚୌହ୍ୱାନ। ବିଡ଼ମ୍ବିତ ଶୈଶବର ଅକୁହା କଥା ବଖାଣିଥିଲା ନାଟକ 'କାହାନୀ ଏକ୍ କଂସ୍ କୀ'। ପୁରାଣ ପୃଷ୍ଠାକୁ ଅବଲୋକନ କଲେ ପ୍ରତ୍ୟେକ ଭାରତୀୟ ଜାଣନ୍ତି ଯେ ମଥୁରାର ରାଜା କଂସ ଜଣେ ଉଗ୍ର ଓ ଖଳ ପ୍ରକୃତିର ରାଜା ଥିଲେ। ତାଙ୍କ ରାଜତ୍ୱ ଥିଲା ଏକ ଛତ୍ରବାଦ। କିନ୍ତୁ ନାଟକରେ ଦର୍ଶାଯାଇଛି ଯେ, ଶୈଶବରୁ କଂସ ଜଣେ ଭଲ ରାଜକୁମାର ଥିଲେ। ବହୁ ଦୟାଳୁ ମଧ୍ୟ ଥିଲେ। ନିଜ ଭଉଣୀ ଦେବକୀଙ୍କୁ ସେ ଅତି ଭଲ ପାଉଥିଲେ। ଏପରିକି ପିଲାମାନେ ଦେବକୀଙ୍କ କଣ୍ଢେଇ ନଦୀରେ ପଡିଯିବାରୁ ସେ ନଦୀକୁ ଡେଇଁ କଣ୍ଢେଇଟିକୁ ଆଣିଥିଲେ। କିନ୍ତୁ ଶୈଶବ ଅବସ୍ଥାରେ ତାଙ୍କୁ ରାଜା ହେବାର ସ୍ୱପ୍ନ ଦେଖାଇ ଦିଆଗଲା। ଯେତେବେଳେ ସେ ବଡହେଲେ ସେ ଜାଣିବାକୁ ପାଇଲେ ଯେ, ଦେବକୀଙ୍କ ଗର୍ଭର ୮ମ ସନ୍ତାନ ହିଁ ତାଙ୍କ ମୃତ୍ୟୁର କାରଣ ହେବ। ଏହିସବୁ କଥା ତାଙ୍କୁ ଅତ୍ୟନ୍ତ ବିଚଳିତ କରିଥିଲା। ତାଙ୍କ ପିତା ତାଙ୍କୁ ରାଜା କରିବା ପାଇଁ ଚାହିଁଥିଲେ। ଶୈଶବରୁ ଜଣେ ଶାନ୍ତ ଓ ଦୟାଳୁ ଭାବ ଥିବା ଜଣେ ଶିଶୁ ଧୀରେ ଧୀରେ ବଡ ହେଉଥିବା ବେଳେ ତାଙ୍କ ଉପରେ ଏହିସବୁ ମାନସିକତା ଲଦିଦେବା ଯୋଗୁ ତାଙ୍କର ଶୈଶବ ବିଡମ୍ବିତ ହେବାରେ ଲାଗିଲା। ବଡହେବା ପରେ କଂସ କିଭଳି ରାଜା ହୋଇଥିଲେ ତାହାହିଁ ବଖାଣିଛି ନାଟକ 'କାହାନୀ ଏକ୍ କଂସ୍ କୀ'। କୌଣସି ଶିଶୁକୁ ତାର ଶୈଶବରେ ନିଜ ଭିତରେ ଥିବା ଇଚ୍ଛାଶକ୍ତି ଓ ମାନସିକତାକୁ ବଦଳାଇ ତାଙ୍କ ଉପରେ ଅନ୍ୟ କୌଣସି ଚାପ ପକାଇଲେ ଭବିଷ୍ୟତରେ ଏହାର ପରିଣତି ଭୟାବହ ହୁଏ ବୋଲି ନାଟକର ସାରାଂଶରେ ଦର୍ଶାଯାଇଛି। ଏହି ନାଟକରେ ବିଭିନ୍ନ ଭୂମିକାରେ ଶତିନ୍ଦ୍ର ଯାଦବ, ସେହେଲା ଖାନ, ଗୌରବ ରାୟ, କ୍ରିଷ୍ଟା ଦାସ, ଦେବେଶ ଯାଦବ, ଶିଖର ମିଶ୍ର, ସାକ୍ଷୀ ଶର୍ମା, ରାନୁ ଶର୍ମା, ନିଶାନ୍ତ ଶୁକ୍ଲା, ହାରି କଶ୍ୟପ, ସଞ୍ଜୟ, ଅଜୟ ମୋନ୍ତି, ରୋଜିତ ଚୌଧୁରୀ, ତାଉବ୍ ଖାନ, ଅଙ୍କିତ, ଭୁଙ୍କଲ, ଅଭିଷେକ, ଅଙ୍କିତ ଗିରି ପ୍ରମୁଖ ଅଭିନୟ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଦେବଙ୍ଗ ପ୍ରତାପ ସିଂହ। ଆଲୋକ ସଜାଇଥିଲେ ସୁନୀଲ ଚୌହ୍ୱାନ। ମେକପ୍ ସୋନାଲ ଓ ମନୀଷା ଏବଂ ମଞ୍ଚସଜ୍ଜା କରିଥିଲେ ଶିଖର ମିଶ୍ର । ପ୍ରାରମ୍ଭରେ ଆୟୋଜିତ ସଭାରେ ଶିଳ୍ପପତି ଗଙ୍ଗାଧର ସାମଲ ମୁଖ୍ୟ ଅତିଥି ଓ ଓଡ଼ିଶା ଲେଖିକା ସଂସଦ ସଭାପତି ପ୍ରଭା ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କଳାପରିଷଦ ସଭାପତି ଦିଲ୍ଲୀଶ୍ୱର ମହାରଣା ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଇନ୍ଦ୍ରମଣି ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଅବନୀ ମିଶ୍ର ସଂଯୋଜନା କରିଥିଲେ। ରବିବାର ଉଦ୍‌ଯାପନୀ ସନ୍ଧ୍ୟାରେ କଲିକତାର ବିଭବ ନାଟ୍ୟ ଏକାଡେମୀ ପକ୍ଷରୁ ବଙ୍ଗଳା ନାଟକ 'ଚରନ୍ ଏ ସୋମୋୟେ' ମଞ୍ଚସ୍ଥ ହେବ।

## ଉଚିତ୍ ମାର୍ଗଦର୍ଶନ ଶୃଙ୍ଖଳିତ କରେ


ତ୍ରୟୋଦଶ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

**ଢେଙ୍କାନାଳ ଅଫିସ,୨୮।୧୨**

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ସିମିନଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ତ୍ରୟୋଦଶ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ମୋହନମୁରାରୀ ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଏମ୍‌ପି ମହେଶ ସାହୁ ଯୋଗଦେଇ ଉଚିତ୍ ମାର୍ଗଦର୍ଶନ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ, ସଂସ୍କାରିତ କରି ଗଢିତୋଳେ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ସହକାରୀ ଉଦ୍ୟାନ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରମାନେ ଦେଶସେବାରେ ନିୟୋଜିତ ହେବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଜିଲାପରିଷଦ ସଭ୍ୟା ଇତିଶ୍ରୀ ସାହୁ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ହୋତା ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ପାଦକ ପ୍ରକାଶ କୁମାର ମହାରଣା ଅତିଥି ପରିଚୟ ପ୍ରଦାନ ଓ କୋଷାଧ୍ୟକ୍ଷ ଗୌରାଙ୍ଗ ଚରଣ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ପୂର୍ବତନ ସଭାପତି ପୁରୁଷୋତ୍ତମ ରାଉତ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ଗୁରୁଜୀ ଗୁରୁମା, ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟମାନେ ସହଯୋଗ କରିଥିଲେ।

## ବଧୂହତ୍ୟା ଅଭିଯୋଗ: ସ୍ୱାମୀ ଗିରଫ

**ପଦ୍ମପୁର, ୨୮।୧୨ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନାୟକାଣିଡିହୀ ଥାନା ପୋଲିସ ଜଣେ ନାବାଳିକା ବଧୂଙ୍କୁ ପୋଡ଼ି ମାରିଦେଇଥିବା ଅଭିଯୋଗରେ ଅଭିଯୁକ୍ତ ସ୍ୱାମୀଙ୍କୁ ଶନିବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଜଗନ୍ନାଥପ୍ରସାଦ ପଞ୍ଚାୟତ କହୁଣିଆସାହି ଗ୍ରାମର କୁଳମଣି ଘଡ଼େଇ। ପୋଲିସ ସୂଚନା ଅନୁଯାୟୀ, କୁଳମଣି ଗୋପାଳପୁର ଗ୍ରାମର ଜଣେ ନାବାଳିକାଙ୍କୁ ୬ ମାସ ତଳେ ପ୍ରେମବିବାହ କରିଥିଲେ। ଗତ ଗୁରୁବାର ସନ୍ଧ୍ୟାରେ ନାବାଳିକା ଜଣଙ୍କ ନିଆଁରେ ପୋଡ଼ି ଯାଇଥିଲେ। ଝିଅକୁ ପୋଡ଼ି ମାରି ଦିଆଯାଇଥିବା ବାପଘର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା।

# ମହିଷମର୍ଦ୍ଦିନୀଙ୍କ ବାର୍ଷିକ ଯାତ୍ରା ଉଦ୍‌ଯାପିତ

**ଛେଣ୍ଡିପଦା,୨୮।୧୨(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ସନ୍ତରାବନ୍ଧ ଗ୍ରାମରେ ଚାଲିଥିବା ମା' ମହିଷମର୍ଦ୍ଦିନୀଙ୍କ ବାର୍ଷିକ ଯାତ୍ରା ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମେ ଗ୍ରାମେଶ୍ୱରୀ ମନ୍ଦିରରୁ ମା'ଙ୍କୁ ଏକ ପଟୁଆରରେ ଗ୍ରାମ ପରିକ୍ରମା କରାଯିବା ପରେ ପୂଜା ମଣ୍ଡପକୁ ଅଣାଯାଇଥିଲା। ପୂଜକ ଦିବାକର ଦେହୁରୀ, ପର୍ଶୁରାମ ଦେହୁରୀ ପୂଜାର୍ଚ୍ଚନା କରିଥିଲେ। ପ୍ରାୟ ୨୦ ଜଣ ମହିଳା ମାନସିକଧାରୀ ମା'ଙ୍କ ପୀଠରେ ଅଧିଆ ପଡିଥିବାବେଳେ ଅଢେଇ ଶହରୁ ଊର୍ଦ୍ଧ୍ୱ ଶିଶୁଙ୍କ ମୁଣ୍ଡନ କରାଯାଇଥିଲା। ଗ୍ରାମର ଉତ୍କଳମଣି ସେବା ସଙ୍ଘ ସଭାପତି କ୍ଷୀରମୋହନ ପ୍ରଧାନ, ସମ୍ପାଦକ ଲମ୍ବୋଦର ପ୍ରଧାନ, କିଶୋର ଚନ୍ଦ୍ର ସାହୁ, ମନୋଜ ସାହୁ, କୈଳାସ ଗଡତିଆ ପ୍ରମୁଖ ଅନ୍ନପ୍ରସାଦ ବଣ୍ଟନ କରିଥିଲେ। ସେହିପରି ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ସରପଞ୍ଚ ନନ୍ଦିନୀ ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ ଦିଲୀପ କୁମାର ବେହେରା ପ୍ରମୁଖ ଯୋଗଦେଇ ମା'ଙ୍କ ଦର୍ଶନ କରିଥିଲେ। ଏହି ଅବସରରେ ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଅରୁନ୍ଧତି ଦେବୀ, ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା ପ୍ରମୁଖ ଯୋଗଦେଇ ମା'ଙ୍କ ଦର୍ଶନ କରିଥିଲେ। ଛେଣ୍ଡିପଦା ପୋଲିସ ଓ ଗ୍ରାମ ସଭ୍ୟମାନଙ୍କ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। ଏହି ପୂଜାରେ ପ୍ରାୟ ୪୦ହଜାରରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିବା ଜଣାପଡ଼ିଛି। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମ ସଭାପତି ନିରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ସନ୍ତରାବନ୍ଧ ଗ୍ରାମର ସମ୍ପାଦକ ଚୌଧୁରୀ ପ୍ରଧାନ, ପୂର୍ବତନ ସଭାପତି ରସାନନ୍ଦ ସାହୁ, ପୂର୍ବତନ ସମ୍ପାଦକ କ୍ଷୀତିଶ ଚନ୍ଦ୍ର ସାହୁ, ହରମୋହନ ଗଡତିଆ, ରାମଚନ୍ଦ୍ର ସାହୁ, ଦୀପକ ପ୍ରଧାନ, ରୁଦ୍ର ପ୍ରଧାନ, ଶିବାନନ୍ଦ ସାହୁ, ରଞ୍ଜନ ସାହୁ, ମଳୟ ପ୍ରଧାନ, ଅଗସ୍ତି ସାହୁ ପ୍ରମୁଖ ଯୋଗ ଦେଇଥିଲେ।


ମା' ମହିଷମର୍ଦ୍ଦିନୀଙ୍କ ଦର୍ଶନ ପାଇଁ ଆସିଥିବା ବିଧାୟକ ଓ ଅନ୍ୟମାନେ।

ବେସରକାରୀ ବିଦ୍ୟାଳୟରୁ ୧୧ ଛାତ୍ରୀଛାତ୍ର ଉଦ୍ଧାର

# ଘରୋଇ କାମରେ ଲଗାଯାଉଥିବା ଅଭିଯୋଗ

- ରାତି ୧୧ଟାରେ ସ୍ଥିତି ପରଖିଲେ ଅଭିଭାବକ
- ଏବିଇଓ, ଏସ୍ଆଇ ପହଞ୍ଚି କଲେ ତଦନ୍ତ
- ସ୍କୁଲ କର୍ତ୍ତୃପକ୍ଷଙ୍କ ଖଣ୍ଡନ, କହିଲେ ଷଡ଼ଯନ୍ତ୍ର

**କାମାକ୍ଷାନଗର,୨୮।୧୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ମହୁଲପାଳ ପଞ୍ଚାୟତରେ ଥିବା ଏକ ବେସରକାରୀ ଶିକ୍ଷାନୁଷ୍ଠାନରୁ ଶନିବାର ପ୍ରଶାସନ ୧୦ ବର୍ଷରୁ କମ୍ ବୟସର ୧୧ ଜଣ ଛାତ୍ରୀଛାତ୍ରଙ୍କୁ ଉଦ୍ଧାର କରି ଅଭିଭାବକଙ୍କ ଜିମା ଦେଇଛି। ପାଠ ପଢ଼ା ନାଁରେ ପିଲାମାନଙ୍କୁ ଘରୋଇ କାମରେ ନିୟୋଜିତ କରାଯିବା, ଠିକ୍ ଭାବେ ଖାଇବାକୁ ନ ଦେବା ଓ ରାତିରେ ପିଲାମାନଙ୍କୁ ତାଲା ପକାଇ କର୍ତ୍ତୃପକ୍ଷ ପଳାଇ ଯାଉଥିବା ଅଭିଭାବକମାନେ ଅଭିଯୋଗ କରିବା ପରେ ପ୍ରଶାସନ ଏହି ପଦକ୍ଷେପ ନେଇଥିବା ଜଣାପଡ଼ିଛି।

ଅଭିଯୋଗ ଅନୁଯାୟୀ, ଶିକ୍ଷାଦାନ ନାଁରେ ଉକ୍ତ ବେସରକାରୀ ଶିକ୍ଷାନୁଷ୍ଠାନରେ ୧୧ ଜଣ ଆଦିବାସୀ ପିଲାଙ୍କୁ ରଖାଯାଇଥିଲା। ମାତ୍ର ବିଦ୍ୟାଳୟର ସମ୍ପାଦକ ଓ ଅଧକ୍ଷା ଥିବା ତାଙ୍କ ସ୍ତ୍ରୀ ଛାତ୍ରୀଛାତ୍ରଙ୍କୁ ସେଠାରେ ପଢାଇବା ବଦଳରେ ନିଜ ଘରେ କାମ କରାଉଥିଲେ। ଏପରି କି ବିଲରୁ ଧାନ କାଟିବା, ବାଡ ଦେବା ଆଦି କାର୍ଯ୍ୟ ପିଲାଙ୍କ ଦ୍ୱାରା କରାଉଥିଲେ। ଏହାଛଡ଼ା ରାତିରେ ପିଲାମାନଙ୍କୁ ଖାଇବାକୁ ନ ଦେଇ ତାଲା ପକାଇ ସମ୍ପାଦକ ଓ ତାଙ୍କ ସ୍ତ୍ରୀ ପଳାଇ ଯାଉଥିଲେ। ଏ ନେଇ ଛାତ୍ରୀଛାତ୍ରମାନେ ଅଭିଭାବକଙ୍କୁ ଜଣାଇବା ପରେ ଶୁକ୍ରବାର ରାତି ପ୍ରାୟ ୧୧ଟାରେ ୧୦ ଜଣ ଅଭିଭାବକ ବିଦ୍ୟାଳୟରେ ପହଞ୍ଚିଥିଲେ। କର୍ତ୍ତୃପକ୍ଷ ସେଠାରେ ନ ଥିବାବେଳେ ପିଲାମାନଙ୍କୁ ଖାଇବାକୁ ଦିଆଯାଇ ନ ଥିବା ସେମାନେ ଦେଖିବାକୁ ପାଇଥିଲେ। ସକାଳେ ଖବରପାଇ କାମାକ୍ଷାନଗର ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଜଳଧର ଲେଙ୍କା, କାମାକ୍ଷାନଗର ଥାନା ଏସ୍ଆଇ ଶ୍ରୀନିବାସ ସେଠୀ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ମହୁଲପାଳ ଗ୍ରାମ କମିଟି ସଭାପତି ସୁଶାନ୍ତ କୁମାର ପଟ୍ଟନାୟକ ଭୋକିଲା ପିଲାଙ୍କୁ ବିସ୍କୁଟ ଓ ପାଣି ଯୋଗାଇବା ସହ ଘଟଣାକୁ ନିନ୍ଦା କରିଥିଲେ। ଏ ସମ୍ପର୍କରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଲେଙ୍କା କହିଛନ୍ତି, ଘଟଣାରେ ସତ୍ୟତା ରହିଛି। ପିଲାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଆଗକୁ ତଦନ୍ତ ଆଧାରରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ତେବେ ଏପରି ଅଭିଯୋଗକୁ ବିଦ୍ୟାଳୟ ଅଧକ୍ଷା ଖଣ୍ଡନ କରିଛନ୍ତି। ସେ କହିଛନ୍ତି ସ୍କୁଲ ବିରୋଧରେ ଏହା ଏକ ଷଡଯନ୍ତ୍ର। ଏଥିରେ କୌଣସି ସତ୍ୟତା ନାହିଁ।

### ୫ ବର୍ଷ ତଳେ ପ୍ରଶାସନ ବନ୍ଦ କରିଥିଲା ସ୍କୁଲ

ଉକ୍ତ ବେସରକାରୀ ବିଦ୍ୟାଳୟ ବିରୋଧରେ ଆସିଥିବା ଅଭିଯୋଗ ନୂଆ ନୁହେଁ। ୫ ବର୍ଷ ତଳେ ମଧ୍ୟ ଏହି ବିଦ୍ୟାଳୟରେ କେତେଜଣ ଆଦିବାସୀ ପିଲାଙ୍କୁ ଧାନ ରୋଇବା କାମରେ ଲଗାଯାଉଥିବା ଅଭିଭାବକମାନେ ଜାଣିଲା ପରେ ଆଦିବାସୀ କ୍ରାନ୍ତି ସଙ୍ଗଠନ ଘଟଣାର ତଦନ୍ତ ପାଇଁ ତତ୍କାଳୀନ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲା। ସେତେବେଳେ ଶିକ୍ଷା ବିଭାଗ ଓ ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ତଦନ୍ତ କରାଯାଇ ବିଦ୍ୟାଳୟକୁ ସରକାରୀସ୍ତରରେ କୌଣସି ଅନୁମତି ଦିଆଯାଇ ନ ଥିବା ଜାଣି ତାହାକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଥିଲା। ସେଠାରେ ଥିବା ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଆବାସିକ ବିଦ୍ୟାଳୟରେ ଥଇଥାନ କରାଇଯାଇଥିଲା। ହେଲେ ପ୍ରଶାସନର ଆଖିରେ ଆଙ୍ଗୁଠି ଗେଞ୍ଜି କିଭଳି ଉକ୍ତ ବିଦ୍ୟାଳୟ ପୁନର୍ବାର ଚାଲୁଥିଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ନିଯୁକ୍ତି ମେଳା ସଚେତନତା ରଥ ଶୁଭାରମ୍ଭ




**ଛେଣ୍ଡିପଦା,୨୮।୧୨(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ସମ୍ମୁଖ ଲକ୍ଷ୍ମୀପୂଜା ପଡିଆରେ ଆସନ୍ତା ୩୦ ତାରିଖରେ ଦିନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ବ୍ଲକସ୍ତରୀୟ ନିଯୁକ୍ତି ଭିତ୍ତିକ ପରାମର୍ଶ ଶିବିର ଅନୁଷ୍ଠିତ ହେବ। ଏ ନେଇ ଶନିବାର ବାହାରି ଥିବା ସଚେତନତା ରଥକୁ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି। ଛେଣ୍ଡିପଦା ବ୍ଲକ ପ୍ରଶାସନ ପକ୍ଷରୁ ଗ୍ରାମାଞ୍ଚଳରେ ଥିବା ବେକାର ଯୁବତୀଯୁବକଙ୍କ ଦକ୍ଷତା ବୃଦ୍ଧି ଓ ସ୍ୱାବଲମ୍ବୀ କରିବା ପାଇଁ ଦିନଦୟାଲ ଉପାଧ୍ୟାୟ ଗ୍ରାମୀଣ ବିକାଶ ଯୋଜନାରେ ନିଯୁକ୍ତି ପରାମର୍ଶ ମେଳାର ଆୟୋଜନ କରାଯାଇଛି। ଏହାର ପ୍ରଚାରପ୍ରସାର ନିମନ୍ତେ ଛେଣ୍ଡିପଦା ବ୍ଲକ ପ୍ରଶାସନ ପକ୍ଷରୁ ୨ଟି ସଚେତନତା ରଥକୁ ବ୍ଲକର ବିଭିନ୍ନ ସ୍ଥାନକୁ ପଠାଯାଇଛି। ଏହା ବ୍ଲକ ପ୍ରଶାସନ, ପଞ୍ଚାୟତିରାଜ ବିଭାଗ, ପାନୀୟ ଜଳ ବିଭାଗ ଦ୍ୱାରା ପରିଚାଳିତ ହେଉଛି। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଜୀବିକା ମିଶନ ସଂଯୋଜକ ମାନସୀ ରାଉତ, ସଞ୍ଜୟ ସାହୁ, ଗ୍ରାମୀଣ ଉଦ୍ୟୋଗ ବିକାଶ ସଂଯୋଜକ ସୁବ୍ରତ ଗଡନାୟକ ପ୍ରମୁଖ ଯୋଗ ଦେଇଥିଲେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ